# NATIONAL NEWS BULLETIN (ODIA)
## 10 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶର ବୌଦ୍ଧିକ ଏବଂ ସାଂସ୍କୃତିକ କ୍ଷେତ୍ରର ବିକାଶ ମାଧ୍ୟମରେ ଭାରତ ଏକ ବିଶ୍ୱଶକ୍ତି ଭାବେ ନିଜକୁ ପ୍ରତିପାଦନ କରିପାରିବ; କହିଲେ ଉପରାଷ୍ଟ୍ରପତି
- ବିହାରରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଜାରି ରଖିବାକୁ ନିର୍ବାଚନ ଆୟୋଗଙ୍କୁ ଅନୁମତି ପ୍ରଦାନ କଲେ ସୁପ୍ରିମକୋର୍ଟ
- ଗତ ୧୧ ବର୍ଷ ମଧ୍ୟରେ ମତ୍ସ୍ୟ ଉତ୍ପାଦନ ଦୁଇଗୁଣା ବୃଦ୍ଧି ପାଇଛି; ସୂଚନା ଦେଲେ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ
- ସଂସଦୀୟ ନିର୍ବାଚନ ପାଇଁ ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ନିର୍ଦ୍ଦେଶ ଦେଲେ ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାର

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଚଳିତ ପାଞ୍ଚ ଟିକିଆ ଟେଷ୍ଟ ସିରିଜ୍‌ର ତୃତୀୟ ମ୍ୟାଚ୍ ଲର୍ଡସଠାରେ ଜାରି

## ଭିପି- ଜେଏନ୍‌ୟୁ କନଫରେନ୍ସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଦେଶର ବୌଦ୍ଧିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ବିକାଶ ଘଟିଲେ ଭାରତ ଏକ ବିଶ୍ୱ ଶକ୍ତି ଭାବରେ ନିଜକୁ ପ୍ରତିପାଦନ କରିପାରିବ। ନୂଆଦିଲ୍ଲୀର ଜବାହଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ଭାରତ ଜ୍ଞାନ ପ୍ରଣାଳୀ ଉପରେ ଆଧାରିତ ଏକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଧନଖଡ଼ ଏହା କହିଛନ୍ତି। ଦେଶର ନିରନ୍ତର ବିକାଶ ଏବଂ ପରମ୍ପରା ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଶ୍ରୀ ଧନଖଡ଼ ଗୁରୁତ୍ୱ ପ୍ରଦାନ କରିଛନ୍ତି। ୟୁରୋପରେ ବିଶ୍ୱବିଦ୍ୟାଳୟ ସୃଷ୍ଟି ହେବା ପୂର୍ବରୁ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକ ଶିକ୍ଷାର ସମୃଦ୍ଧ କେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ ବୋଲି ଉପରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ସେ ତକ୍ଷଶୀଳା, ନାଳନ୍ଦା, ବିକ୍ରମଶୀଳା, ବଲ୍ଲଭୀ ଏବଂ ଉଦନ୍ତପୁରୀର ଉଦାହରଣ ଦେଇଥିଲେ। ଭାରତୀୟ ଜ୍ଞାନପ୍ରଣାଳୀକୁ ସୁଦୃଢ଼ କରିବା ନେଇ କାର୍ଯ୍ୟ କରିବା ଉପରେ ଶ୍ରୀ ଧନଖଡ଼ ଆହ୍ୱାନ ଦେବା ସହ ସଂସ୍କୃତ, ତାମିଲ, ପାଲି ଏବଂ ପ୍ରକ୍ରିତ ଭଳି ସମସ୍ତ ଶାସ୍ତ୍ରୀୟ ଭାଷାକୁ ଅନ୍ତର୍ଭୁକ୍ତ କରି ଦେଶରେ ଡିଜିଟାଇଜଡ୍ ଶିକ୍ଷା ସଂଗ୍ରହାଳୟ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରି କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଭାରତୀୟ ଜ୍ଞାନପ୍ରଣାଳୀ ଆନ୍ତର୍ଜାତିକ

ଯୋଗ ଦିବସ ଠାରୁ ଆରମ୍ଭ କରି ଆୟୁଷର ବିଶ୍ୱସ୍ତରୀୟ ସ୍ୱୀକୃତ ପ୍ରଦାନ ପର୍ଯ୍ୟନ୍ତ ଉଲ୍ଲେଖନୀୟ ପରିବର୍ତ୍ତନ ଲକ୍ଷ୍ୟ କରିଛି ।

## ଏସ୍‌ସି– ବିହାର ଇସିଆଇ

ବିହାରରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଜାରି ରଖିବା ପାଇଁ ନିର୍ବାଚନ ଆୟୋଗଙ୍କୁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି । ବିଚାରପତି ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବିହାରରେ ଆଗକୁ ନିର୍ବାଚନ ହେବାକୁ ଥିବାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ନେଇ ଆଗତ କେତୋଟି ମାମଲାର ଶୁଣାଣି କରିବା ଅବସରରେ ଖଣ୍ଡପୀଠ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ତେବେ ଏହି ସଂଶୋଧନ ପ୍ରକ୍ରିୟାରେ ନ୍ୟାୟିକ ସ୍ୱାର୍ଥରକ୍ଷାକୁ ଦୃଷ୍ଟିରେ ରଖି ଆଧାରକାର୍ଡ, ରାସନକାର୍ଡ ଏବଂ ଭୋଟର ପରିଚୟପତ୍ର ପରି ପ୍ରମୁଖ ପରିଚୟପତ୍ର ଗ୍ରହଣ କରିବା ନେଇ ବିଚାର କରିବାକୁ ଖଣ୍ଡପୀଠ ନିର୍ବାଚନ ଆୟୋଗକଙ୍କୁ କହିଛନ୍ତି । ଆୟୋଗଙ୍କ ଦ୍ୱାରା ବିହାରରେ ଭୋଟର ତାଲିକାରେ ସଂଶୋଧନ ପ୍ରକ୍ରିୟା ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ସ୍ୱୀକୃତ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ତେବେ ଏଥିପାଇଁ ପୂର୍ବରୁ ପଦକ୍ଷେପ ଗ୍ରହଣ କରିବା ଉଚିତ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି । ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଏହି ସ୍ୱତନ୍ତ୍ର

ପଦକ୍ଷେପ କାହିଁକି ଗ୍ରହଣ କରାଯାଇନାହିଁ ବୋଲି ଖଣ୍ଡପୀଠ ମଧ୍ୟ ପ୍ରଶ୍ନ କରିଛନ୍ତି।

ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସଂଶୋଧନ ପ୍ରକ୍ରିୟାରେ ଆଧାରକାର୍ଡକୁ ବାଦ୍ ଦେବା ନେଇ ମାମଲାରେ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଏହାର ଜବାବରେ ଆୟୋଗ କହିଛନ୍ତି, ଭୋଟର ହେବା ପାଇଁ ନାଗରିକତ୍ୱ ଯାଞ୍ଚ ଜରୁରୀ ଏବଂ ଏହାର ପ୍ରମାଣଭାବେ ଆଧାରକାର୍ଡକୁ ବ୍ୟବହାର କରାଯାଇପାରିବ ନାହିଁ। ଏହା ଉପରେ ପ୍ରତିକ୍ରିୟା ରଖି ଖଣ୍ଡପୀଠ କହିଛନ୍ତି, ଏଥିପାଇଁ ବହୁ ପୂର୍ବରୁ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଥିଲା। ତେବେ ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରିସରଭୁକ୍ତ ବୋଲି ଖଣ୍ଡପୀଠ କହିଛନ୍ତି। ବିହାରରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନେଇ ଆଗତ ଏକାଧିକ ମାମଲାର ସୁପ୍ରିମକୋର୍ଟ ଏକାଠି ଶୁଣାଣି କରୁଛନ୍ତି।

ସୂଚନାଯୋଗ୍ୟ, ସଂଶୋଧିତ ଚିଠା ଭୋଟର ତାଲିକା ଆସନ୍ତା ମାସରେ ପ୍ରକାଶ ପାଇବ। ଏହି ମାମଲାଗୁଡ଼ିକର ପରବର୍ତ୍ତୀ ଶୁଣାଣିକୁ ଖଣ୍ଡପୀଠ ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସପ୍ତାହକ ମଧ୍ୟରେ ମାମଲାଗୁଡ଼ିକରେ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ ତାରିଖ ପୂର୍ବରୁ

ଆବେଦନକାରୀଙ୍କୁ ଆୟୋଗଙ୍କ ଜବାବ ଉପରେ ପ୍ରତି ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି।

## ମତ୍ସ୍ୟଚାଷୀ ଦିବସ

ମତ୍ସ୍ୟଚାଷୀଙ୍କ ବିକାଶ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ଦେଶରେ ପାଳନ କରାଯାଉଛି ଜାତୀୟ ମତ୍ସ୍ୟଚାଷୀ ଦିବସ। ଏହି ଅବସରରେ ଭୁବନେଶ୍ୱର କୌଶଲ୍ୟାଗଙ୍ଗସ୍ଥିତ ଆଇ.ସି.ଏ.ଆର୍. କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ପ୍ରତିଷ୍ଠାନ - ସିଫା'ରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂହ ବାଘେଲ୍ ଓ ଜର୍ଜ କୁରିଆନ୍ ପ୍ରମୁଖ ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ସିଂହ ଏହି ଅବସରରେ ୧୭ଟି ନୂଆ ମତ୍ସ୍ୟ କ୍ଲଷ୍ଟର୍‌ର ଉଦ୍‌ଘାଟନ କରିବା ସହ ୧୧ଟି ରାଜ୍ୟ ପାଇଁ ୧୦୫ କୋଟି ଟଙ୍କା ମୂଲ୍ୟର ୭୦ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ମତ୍ସ୍ୟଚାଷୀଙ୍କ କଠିନ ପରିଶ୍ରମ ଫଳରେ ଦେଶ ଆଜି ମତ୍ସ୍ୟ ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିପାରିଛି । ଗତ ୧୧ ବର୍ଷରେ ମତ୍ସ୍ୟ ଉତ୍ପାଦନ ୯୫ ଦଶମିକ ୭/୯ ଲକ୍ଷ ଟନ୍‌ରୁ ବୃଦ୍ଧି ପାଇଁ ୧୯୫ ଲକ୍ଷ ଟନ୍‌ରେ ପହଁଞ୍ଚିଛି। ଦେଶର ମତ୍ସ୍ୟ ରପ୍ତାନୀ ପରିମାଣକୁ ୧ ଲକ୍ଷ ୨୦ ହଜାର କୋଟି ଟଙ୍କାରେ ପହଞ୍ଚାଇବା ଦିଗରେ ପ୍ରୟାସ କରିବାକୁ କେନ୍ଦ୍ରମନ୍ତ୍ରୀ

ଶ୍ରୀ ସିଂହ ମତ୍ସ୍ୟଚାଷୀଙ୍କୁ ଆହ୍ୱାନ ଦେଇଛନ୍ତି । ଗତ ଦଶନ୍ଧିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦକ୍ଷେପ ଦ୍ୱାରା ଦେଶରେ ମଧୁର ଜଳ ମତ୍ସ୍ୟ ଉତ୍ପାଦନ ଓ ଜଳଜ କୃଷି ୧୪୦ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଦେଶରେ ଜଳସମ୍ପଦର ସୁବିନିଯୋଗ ଏବଂ ଚାଷୀଙ୍କ ଉନ୍ନତିକୁ ପ୍ରତିଫଳିତ କରୁଛି ବୋଲି ଶ୍ରୀ ସିଂହ କହିଛନ୍ତି।

## ବାଂଲାଦେଶ- ଇଲେକସନ୍

ବାଂଲାଦେଶରେ ଆସନ୍ତା ଡିସେମ୍ବର ସୁଦ୍ଧା ସଂସଦୀୟ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ପ୍ରଫେସର ମହମ୍ମଦ ୟୁନୁସ୍ ନିର୍ଦ୍ଦେଶ ଦେଇଛନ୍ତି। ଢାକାଠାରେ ଗତକାଲି ଏ ସଂକ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୃହ ବିଭାଗ ପରାମର୍ଶଦାତା ଜାହାଙ୍ଗୀର ଆଲମ ଚୌଧୁରୀ, ବିଭିନ୍ନ ଆଇନ ପ୍ରବର୍ତ୍ତନ ସଂସ୍ଥାର ପ୍ରତିନିଧି ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ଓ ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ। ବୈଠକ ପରେ ପ୍ରଫେସର ୟୁନୁସଙ୍କ ଗଣମାଧ୍ୟମ ସଚିବ ସଫିକ ଉଲ୍ ଆଲାମ ସାମ୍ବାଦିକଙ୍କୁ ସୂଚନା ଦେଇ କହିଛନ୍ତି, ନିର୍ବାଚନ ପୂର୍ବରୁ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଆଇନ ପ୍ରବର୍ତ୍ତନ ସଂସ୍ଥାର ସଦସ୍ୟଙ୍କୁ ନିୟୋଜିତ କରିବା ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏଥିପାଇଁ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ଗତ ମାସରେ

ଲଣ୍ଡନଠାରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ତାରିଖ ରହମାନଙ୍କ ସହ ସାକ୍ଷାତ ଆଲୋଚନା ପରେ ପ୍ରଫେସର ୟୁନୁସ୍ ଆସନ୍ତା ଫେବୃଆରୀ ପ୍ରଥମାର୍ଦ୍ଧରେ ଦେଶରେ ପରବର୍ତ୍ତୀ ସଂସଦୀୟ ନିର୍ବାଚନ ହେବା ନେଇ ସୂଚନା ପ୍ରଦାନ କରିଥିଲେ।

# ଭିସି-ଚାନ୍ସେଲର କନଫରେନ୍ସ

ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାରେ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନର୍ମଦାର କେଭାଡ଼ିଆଠାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତିଙ୍କ ଦୁଇଦିନିଆ ସମ୍ମିଳନୀକୁ  ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ମୌଳିକ ପରିବର୍ତ୍ତନ ଆସିଛି।

**V/O- DHARMENDRA-PRADHAN-ON-NEP**

ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟାନ୍ୱୟନକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟ ନେଇ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା  ଏହି ସମ୍ମିଳନୀର ଆୟୋଜନ କରାଯାଇଛି।

# ସେଣ୍ଟର ଫ୍ଲଡ୍ ଆସିସଷ୍ଟାନ୍ସ

ଦେଶର ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ ରାଜ୍ୟଗୁଡ଼ିକ ପାଇଁ କେନ୍ଦ୍ର ସରକାର ସହାୟତା ରାଶି ମଞ୍ଜୁର କରିଛନ୍ତି। ଆସାମ, ମଣିପୁର,

ମେଘାଳୟ, ମିଜୋରାମ, କେରଳ ଏବଂ ଉତ୍ତରାଖଣ୍ଡ ପାଇଁ ୧ ହଜାର ୬୬ କୋଟିରୁ ଅଧିକ ଟଙ୍କା ପ୍ରଦାନକୁ ସରକାର ମଞ୍ଜୁର ପ୍ରଦାନ କରିଛନ୍ତି ।

ଏ ସମ୍ପର୍କରେ ଏକ ରିପୋର୍ଟ...

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୬ଟି ରାଜ୍ୟ ବିଶେଷ ପ୍ରଭାବିତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଉତ୍ତରାଖଣ୍ଡ ପାଇଁ ସର୍ବାଧିକ ୪୫୫ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି ।  ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ଆସାମ ପାଇଁ ୩୭୫ କୋଟି ଟଙ୍କାରୁ ଅଧିକ ମଞ୍ଜୁର କରାଯାଇଛି । ମଣିପୁର ପାଇଁ ୨୯ କୋଟି ଟଙ୍କାରୁ ଅଧିକ, ମେଘାଳୟ ପାଇଁ ୩୦ କୋଟି ଟଙ୍କା ଅଧିକ, ମିଜୋରାମ ପାଇଁ ୨୨ କୋଟିରୁ ଊର୍ଦ୍ଧ୍ୱ, କେରଳ ପାଇଁ ୧୫୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଛି । ମନ୍ତ୍ରଣାଳୟ କହିଛି, ବନ୍ୟା, ଭୂସ୍ଖଳନ ଏବଂ ଲଗାଣ ବର୍ଷା ପ୍ରଭାବିତ ରାଜ୍ୟଗୁଡ଼ିକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ସରକାର ପ୍ରତିବଦ୍ଧ । ଚଳିତ ବର୍ଷ ରାଜ୍ୟ ବିପର୍ଯ୍ୟୟ ତ୍ୱରିତ ପାଣ୍ଠିରୁ ୧୪ଟି ରାଜ୍ୟକୁ ୬ ହଜାର ୧୬୬ କୋଟି ଟଙ୍କା ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୧୨ଟି ରାଜ୍ୟକୁ ୧ ହଜାର ୯୮୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇସାରିଛି । ଏତଦ୍‌ବ୍ୟତୀତ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ପାଞ୍ଚୋଟି ରାଜ୍ୟକୁ ୭୨୬ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟରଞ୍ଜନ ମହାପାତ୍ର

# ଗୁଜୁରାଟ ଗମ୍ଭୀରା ବ୍ରିଜ

ଗୁଜୁରାଟର ଭଦୋଦରା ଜିଲ୍ଲାର ମାହିନଦୀରେ ପୋଲ ଭୁଶୁଡ଼ିବା ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଭଦୋଦରା ଜିଲ୍ଲାପାଳ ଅନୀଲ ଧାମେଲିଆ କହିଛନ୍ତି, ଆଜି ଆଉ ତିନୋଟି ମୃତଦେହ ମିଳିଛି। ଏବେ ମଧ୍ୟ ଚାରି ଜଣ ନିଖୋଜ ଅଛନ୍ତି। ପୋଲ ଭୁଶୁଡ଼ିବା ସ୍ଥଳଠାରୁ ନଦୀ ମଧ୍ୟରେ ଚାରି କିଲୋମିଟର ପର୍ଯ୍ୟନ୍ତ ଏନ୍.ଡି.ଆର୍.ଏଫ୍ ଏବଂ ଏସ୍.ଡି.ଆର୍.ଏଫ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି।

# କ୍ରିକେଟ

ଆଣ୍ଡରସନ–ତେନ୍ଦୁଲକର ପାଞ୍ଚ ଟିକିଆ ଟେଷ୍ଟ ସିରିଜ୍‌ର ତୃତୀୟ ମ୍ୟାଚ୍ ଇଂଲଣ୍ଡର ଲର୍ଡସଠାରେ ଜାରି ରହିଛି। ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଚା' ପାନ ବିରତି ସୁଦ୍ଧା ଇଂଲଣ୍ଡ ୩୭ ଓଭରରେ ୨ଟି ୱିକେଟ ବିନିମୟରେ ୧୦୯ ରନ୍ ସଂଗ୍ରହ କରିଥିଲା। କ୍ରିଜରେ ଜୋ' ରୁଟ୍ ଏବଂ ଓଲି ପୋପ୍ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ଦୁଇଟିଯାକ ୱିକେଟ୍ ଅକ୍ତିଆର କରିଛନ୍ତି। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଦଳରେ ଯଶପ୍ରୀତ ବୁମରା

ସାମିଲ ହୋଇଛନ୍ତି। ଉଭୟ ପକ୍ଷ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ଚଳିତ ସିରିଜ୍‌ରେ ସମାନ ସ୍ତରରେ ରହିଛନ୍ତି।